# Sambalpur Municipal Corporation
# Sambalpur (Odisha)

**Email Id :** Sambalpurm.hud@nic.in
**Phone No. 0663-2411012**


**No.** 4279 **/SMC** **Dt.04.05.2022**

## Expression of Interest (EoI)

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ଦ୍ୱାରା ସମ୍ବଲପୁର ମହାନଗର ନିଗମରେ ଥିବା ବ୍ୟାଟେରୀ ଚାଳିତ ଅଳିଆ ସଂଗ୍ରହ ଯାନ ଚଲାଇବା ସମ୍ବନ୍ଧେ

ସମ୍ବଲପୁର ମହାନଗର ନିଗମରରେ ବର୍ଜ୍ୟବସ୍ତୁ ସଂଗ୍ରହ ନିମନ୍ତେ ବ୍ୟାଟେରୀ ଚାଳିତ ଗାଡି ବ୍ୟବହାର କରାଯିବ। ଏହି ବ୍ୟାଟେରୀ ଚାଳିତ ଗାଡି ଗୁଡିକୁ ଚଲାଇବା ଲାଗି ସ୍ଥାନୀୟ ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟା ମାନଙ୍କୁ ସ୍ୱଛକର୍ମୀ ଭାବରେ ନିଯୋଜିତ କରାଯିବା ନିମନ୍ତେ ସ୍ଥିର କରାଯାଇଛି । ପ୍ରତ୍ୟେକ ବ୍ୟାଟେରୀ ଚାଳିତ ଗାଡିରେ ଦୁଇଜଣ ଲେଖାଏଁ ସ୍ୱଛକର୍ମୀ ନିଯୋଜିତ ହେବେ । ଜଣେ ଗାଡ଼ି ଚାଳକ ଏବଂ ଅନ୍ୟ ଜଣେ ବର୍ଜ୍ୟବସ୍ତୁ ସଂଗ୍ରହ ନିମନ୍ତେ ବ୍ୟାଟେରୀ ଚାଳିତ ଗାଡିରେ ନିଯୋଜିତ ହୋଇ କାମ କରିବେ । ମନୋନୀତ ସ୍ୱଛକର୍ମୀଙ୍କୁ ତାଲିମ ଦିଆଯିବ । ବର୍ଜ୍ୟବସ୍ତୁ ସଂଗ୍ରହକାରି ଏବଂ ଚାଳକଙ୍କ ଦରମା ମାସିକ ଟ. ୭୫୦୦/- ସ୍ଥିର କରାଯାଇଛି ।

**ଯୋଗ୍ୟତା:**

- ଆବେଦନକାରୀର ବୟସ 1୪-60 ବର୍ଷ ମଧରେ ହୋଇଥିବା ଆବଶ୍ୟକ ।
- ଆବେଦନକାରୀ ମିଶନ ଶକ୍ତି ଗୋଷ୍ଠୀର ସଦସ୍ୟା ହୋଇଥିବେ ।
- ଆବେଦନକାରୀଙ୍କର କୌଣସି ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ହୋଇନଥିବ ।
- ଆବେଦନକାରୀ ନିଶ୍ଚିତ ଭାବରେ ଦଶମ ପାସ୍ ହୋଇଥିବା ଆବଶ୍ୟକ ।
- ଆବେଦନକାରୀ ଅନ୍ୟ କୌଣସି ଅନୁଷ୍ଠାନରେ ନିଯୋଜିତ ହୋଇନଥିବେ ।
- ଗୋଟିଏ ମିଶନ ଶକ୍ତି ଗୋଷ୍ଠୀରୁ ଏକରୁ ଅଧିକ ବ୍ୟକ୍ତି ଉଭୟ ବର୍ଜ୍ୟବସ୍ତୁ ସଂଗ୍ରହକାରି ଏବଂ ଗାଡ଼ି ଚାଳକ ପାଇଁ ଆବେଦନ କରିପାରିବେ ।

ବ୍ୟାଟେରୀ ଚାଳିତ ଗାଡି ଚଲାଇବା ନିମନ୍ତେ ଡ୍ରାଇଭିଂ ଲାଇସେନ୍ସ ଥିବା ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବ । ଯେଉଁମାନଙ୍କର ଡ୍ରାଇଭିଂ ଲାଇସେନ୍ସ ନଥିବ, ମନୋନୀତ ହେବାପରେ ସେମାନଙ୍କୁ ତାଲିମ ମଧ ଦିଆଯିବ । ଡ୍ରାଇଭିଂ ଲାଇସେନ୍ସ ପ୍ରାପ୍ତ ସଦସ୍ୟା ହିଁ ଗାଡ଼ି ଚାଳକ ଭାବେ ନିଯୋଜିତ ହେବେ ।

ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ ଏ ବାବଦରେ ତା. 17/5/22 ସୁଦ୍ଧା ସମ୍ବଲପୁର ମହାନଗର ନିଗମ କାର୍ଯ୍ୟାଳୟରେ ନିମ୍ନ ମତେ ଥିବା ଦୁଇଟି ଫର୍ମରେ ଆବେଦନ କରି ପାରିବେ ।

**ଆବେଦନ ଫର୍ମ ୧ :** ମିଶନ ଶକ୍ତି ଗୋଷ୍ଠୀ ପୁରଣ କରି ଇଛୁକ ମନୋନୀତ ସଦସ୍ୟଙ୍କ ବିଷୟରେ ସୂଚନା ଦେବେ
**ଆବେଦନ ଫର୍ମ ୨ :** ଇଛୁକ ମନୋନୀତ ମିଶନ ଶକ୍ତି ଗୋଷ୍ଠୀ ସଦସ୍ୟ ପୁରଣ କରିବେ

**ଆବେଦନ ଫର୍ମ ସହିତ ନିମ୍ନଲିଖିତ କାଗଜ ସଂଲଗ୍ନ କରିବେ ।**

- ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରିଜୋଲ୍ୟୁସନ୍ କପି ।
- ଯଦି ସଦସ୍ୟା ଗୋଷ୍ଠୀରେ ଗୋଷ୍ଠୀ ଗଠନ ହେଲା ପରେ ଯୋଗ ଦେଇଛନ୍ତି, ଏକ ରିଜୋଲ୍ୟୁସନ୍ ଯେଉଁଠାରେ ଗୋଷ୍ଠୀ ସଦସ୍ୟା ଗୋଷ୍ଠିରେ ଯୋଗ ଦେବାର ଉଲ୍ଲେଖ ହୋଇଛି ।
- ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ଗୋଷ୍ଠୀ ସଦସ୍ୟାଙ୍କୁ ମନୋନୀତ କରିବାର ରିଜୋଲ୍ୟୁସନ୍ ।
- ଆବେଦନ କରୁଥିବା ସଦସ୍ୟାଙ୍କ ଆଧାର କାର୍ଡ ନକଲ ।

ଏ ବିଷୟରେ ଅତିରିକ୍ତ ସୂଚନା ମହାନଗର ନିଗମ ୱେବସାଇଟ (http://www.smcsambalpur.nic.in) ରେ ଉପଲବ୍ଧ ଅଛି ।

- ବି. ଦ୍ର. :-
  ଆବଶ୍ୟକ ସ୍ୱଛକର୍ମୀ- ୩୦ ଜଣ ଗାଡ଼ି ଚାଳକ ଏବଂ ୨୦ ଜଣ ବର୍ଜ୍ୟବସ୍ତୁ ସଂଗ୍ରହକାରି ।

ଉପ-ଆୟୁକ୍ତ 04/05/22
ସମ୍ବଲପୁର ମହାନଗର ନିଗମ

Dt. 04.05.2022

Memo No. 4280 / SMC

Copy to be displayed at SMC website and notice board, SMC, Collectorate notice board and to be made available at all ward offices for wide circulation of information.

4/5/22

**Dy. Commissioner**
**Sambalpur Municipal Corporation**

# ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ଗୋଷ୍ଠୀ ମୋହର ସହିତ ଆବେଦନ ଫର୍ମ -୧

| ସଂଖ୍ୟା | | ବିବରଣୀ |
|---|---|---|
| ୧ | ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନାମ | |
| | ଠିକଣା | |
| | ୱାର୍ଡ ସଂଖ୍ୟା | |
| ୨ | ଗୋଷ୍ଠୀ ଗଠନ ତାରିଖ | |
| ୩ | ଗୋଷ୍ଠୀ ସଦସ୍ୟା ସଂଖ୍ୟା | |
| ୪ | ଶ୍ରେଣୀକରଣ (Gradation ) ହୋଇଛି ? (ହଁ/ନାହିଁ) | |
| ୫ | କେଉଁ ବ୍ୟାଙ୍କରେ ଆକାଉଣ୍ଟ ଖୋଲା ହୋଇଛି | |
| | ଆକାଉଣ୍ଟ ସଂଖ୍ୟା | |
| ୬ | RF/Seed ପାଇଛନ୍ତି? (ହଁ/ନାହିଁ ) | |
| ୭ | ଗୋଷ୍ଠୀ ର ପୂର୍ବ କାର୍ଯ୍ୟକଳାପ | |
| ୮ | କେତେ ଜଣ ମନୋନୀତ ସଦସ୍ୟ ସ୍ୱଚ୍ଛକର୍ମୀ ଭାବେ ଆବେଦନ କରିବାକୁ ଇଚ୍ଛୁକ ? | |
| କ. | ବ୍ୟାଟେରୀ ଚାଳିତ ଯାନ ଚାଳକ | |
| ଖ. | ଯାନ ସହିତ ସଂଲଗ୍ନ ଆବର୍ଜନା ସଂଗ୍ରହକାରି | |
| ୯ | ପାସ ବୁକ ନିୟମିତ ଭାବରେ ସଂଚାଳନ ହେଉଛି କି? (ହଁ/ନାହିଁ) | |
| ୧୦ | ସଭାନେତ୍ରୀଙ୍କ ନାମ | |
| | ସଭାନେତ୍ରୀଙ୍କ ଫୋନ ନମ୍ବର | |
| ୧୧ | ସେକ୍ରେଟେରୀଙ୍କ ନାମ | |
| | ସେକ୍ରେଟେରୀଙ୍କ ଫୋନ ନମ୍ବର | |
| ୧୨ | ପ୍ରତି ମିଟିଂ ର ବିବରଣୀ ନିୟମିତ ଭାବରେ ଲେଖା ହୋଇଛି? (ହଁ/ନାହିଁ) | |
| ୧୩ | କେଉଁ ୱାର୍ଡର (ସ୍ଥାନ) ସ୍ୱଚ୍ଛକର୍ମୀ ହେବାକୁ ଇଚ୍ଛୁକ ? | |

**ସେକ୍ରେଟାରୀଙ୍କ ସ୍ୱାକ୍ଷର**
(ମୋହର ସହିତ)

**ସଭାନେତ୍ରୀଙ୍କ ସ୍ୱାକ୍ଷର**
(ମୋହର ସହିତ)

**ସଂଲଗ୍ନ :**

- ମିଶନ ଶକ୍ତି ଗୋଷ୍ଠୀର ପ୍ରଥମ ରିଜୋଲ୍ୟୁସନ୍ କପି ।
- ଯଦି ସଦସ୍ୟ ଗୋଷ୍ଠୀରେ ଗୋଷ୍ଠୀ ସଂଗଠନ ହେଲା ପରେ ଯୋଗ ଦେଇଛନ୍ତି, ଏକ ରିଜୋଲ୍ୟୁସନ୍ ଯେଉଁଠାରେ ଗୋଷ୍ଠୀ ସଦସ୍ୟ ଗୋଷ୍ଠିରେ ଯୋଗ ଦେବାର ଉଲ୍ଲେଖ ହୋଇଛି ।
- ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ଗୋଷ୍ଠୀ ସଦସ୍ୟଙ୍କୁ ମନୋନୀତ କରିବାର ରିଜୋଲ୍ୟୁସନ୍ ।
- ଆବେଦନ କରୁଥିବା ସଦସ୍ୟଙ୍କ ଆଧାର ।

# ମନୋନୀତ ମିଶନ୍ ଶକ୍ତି ଗୋଷ୍ଠୀର ସଦସ୍ୟାଙ୍କ ଦ୍ୱାରା ଗୋଷ୍ଠୀ ମୋହର ସହିତ ପୂରଣ କରାଯିବା ଫର୍ମ - ୨

| ସଂଖ୍ୟା | | ବିବରଣୀ |
|---|---|---|
| ୧ | ଆବେଦନକାରୀଙ୍କ ନାମ | |
| ୨ | ଠିକଣା ଏବଂ ଫୋନ ନମ୍ବର | |
| ୩ | ୱାର୍ଡ ନମ୍ବର | |
| ୪ | ଜନ୍ମ ତାରିଖ | |
| ୫ | ଯୋଗ୍ୟତା | |
| ୬ | ମିଶନ ଶକ୍ତି ଗୋଷ୍ଠୀରେ ମିଶିବାର ତାରିଖ | |
| ୭ | ପୂର୍ବରୁ କେଉଁ କାର୍ଯ୍ୟରେ ନିଯୁକ୍ତ ଥିଲେ କି? (ପଦ ଏବଂ କାର୍ଯ୍ୟ ସ୍ଥାନ) | |
| ୮ | ବର୍ତ୍ତମାନ କେଉଁ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି କି? (ପଦ ଏବଂ କାର୍ଯ୍ୟ ସ୍ଥାନ) | |
| ୯ | କେଉଁ ପଦ ପାଇଁ ଆବେଦନ କରୁଛନ୍ତି ? (ବ୍ୟାଟେରୀ ଚାଳିତ ଯାନ ଚାଳକ / ଯାନ ସହିତ ସଂଲଗ୍ନ ଆବର୍ଜନା ସଂଗ୍ରହକାରି ) | |
| ୧୦ | ଆପଣଙ୍କ କୌଣସି ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ଅଛି କି ? ସୂଚନା ଦିଅନ୍ତୁ | |
| ୧୧ | ଆପଣଙ୍କର ଡ୍ରାଇଭିଂ ଲାଇସେନ୍ସ ଅଛି କି? | |
| ୧୨ | ଆପଣ ଆପଣଙ୍କ ମିଶନ ଶକ୍ତି ଦ୍ୱାରା ମନୋନୀତ ହୋଇଛନ୍ତି କି? | |
| ୧୩ | ଆପଣ କେଉଁ ୱାର୍ଡ଼ (ସ୍ଥାନ)ରେ ନିଯୁକ୍ତ ହେବାକୁ ଚାହୁଁଛନ୍ତି? | |

**ଆବେଦନକାରୀଙ୍କ ହସ୍ତାକ୍ଷର:**

**ସେକ୍ରେଟାରୀଙ୍କ ସ୍ୱାକ୍ଷର**
(ମୋହର ସହିତ)

**ସଭାପତିଙ୍କ ସ୍ୱାକ୍ଷର**
(ମୋହର ସହିତ)